# ଭୂମିକା

## ପୃଷ୍ଠଭୂମି

ପ୍ରାଚୀନ ଓ ମଧ୍ୟଯୁଗୀୟ ଭାରତରେ ପଞ୍ଚାୟତିରାଜର ସୁଦୀର୍ଘ ପରମ୍ପରାକୁ ସ୍ୱୀକୃତି ଦେଇ ୧୯୫୦ରେ ଘୋଷିତ ସମ୍ବିଧାନର ଧାରା ୪୦ରେ କୁହାଯାଇଥିଲା, "ରାଷ୍ଟ୍ର ଗ୍ରାମପଞ୍ଚାୟତଗୁଡିକୁ ସଂଗଠିତ କରିବା ଦିଗରେ ପଦକ୍ଷେପମାନ ଗ୍ରହଣ କରିବ ଏବଂ ସେଗୁଡିକୁ ସ୍ୱାୟତ୍ତ ଶାସନର ସତ୍ତା ରୂପେ କାର୍ଯ୍ୟକ୍ଷମ ହେବା ପାଇଁ ଆବଶ୍ୟକୀୟ କ୍ଷମତା ଓ କର୍ତ୍ତୃତ୍ୱ ଅର୍ପଣ କରିବ" । କିନ୍ତୁ ସମ୍ବିଧାନର ୭ମ ସାରଣୀ ଅନୁଯାୟୀ ପଞ୍ଚାୟତ ବିଷୟଟି ରାଜ୍ୟ ତାଲିକା ଭିତରେ ଅନ୍ତର୍ଭୁକ୍ତ ଥିବାରୁ ବିଭିନ୍ନ ରାଜ୍ୟମାନେ ଏହାକୁ ନିଜସ୍ୱ ଢଙ୍ଗରେ କାର୍ଯ୍ୟକାରୀ କଲେ, ଯାହା ଫଳରେ କେବଳ ଯେ ରାଜ୍ୟ ରାଜ୍ୟ ଭିତରେ ଏହାର କାର୍ଯ୍ୟକାରିତାରେ ଭିନ୍ନତା ଥିଲା, ତାହା ନୁହେଁ, ବରଂ ପଞ୍ଚାୟତୀ ସଂସ୍ଥାଗୁଡିକର କାର୍ଯ୍ୟକାଳରେ ସ୍ଥିରତା ନଥିଲା, ସେଗୁଡିକର କ୍ଷମତା ସୀମିତ ଓ ସଂକୁଚିତ ଥିଲା ତଥା ସେମାନଙ୍କର ସମ୍ବଳ-ଭଣ୍ଡାର ମଧ୍ୟ ନଗଣ୍ୟ ଥିଲା । କିନ୍ତୁ ଦେଶର ଉନ୍ନୟନ ପ୍ରକ୍ରିୟାକୁ ତ୍ୱରାନ୍ୱୀତ କରିବା ଏବଂ ସେଥିପାଇଁ କ୍ଷମତାର ବିକେନ୍ଦ୍ରୀକରଣର ତାଗିଦ୍ ଯେତେବେଳେ ଶକ୍ତିଶାଳୀ ରୂପ ନେଇ ମୁଣ୍ଡ ଟେକିଲା, ସେତେବେଳେ ତୃଣମୂଳ ସ୍ତରରେ ପଞ୍ଚାୟତିରାଜ ସଂସ୍ଥାଗୁଡିକୁ କେନ୍ଦ୍ର ଓ ରାଜ୍ୟ ପରେ ଦେଶର ଶାସନ-ବ୍ୟବସ୍ଥାର ତୃତୀୟ ସ୍ତର ରୂପେ ସ୍ୱୀକୃତି ଦେବାସହ ସେଗୁଡିକର କାର୍ଯ୍ୟକାଳରେ ସ୍ଥାୟିତ୍ୱ, ଦାୟିତ୍ୱ ଓ କ୍ଷମତାସମୂହର ସୁନିରୂପିତ ସଂଜ୍ଞାୟନ ତଥା ସମ୍ବଳ-ଭଣ୍ଡାରର ଅଭିବୃଦ୍ଧି ପାଇଁ ଆବଶ୍ୟକ ପଡୁଥିବା ଉଭୟ ବୈଧାନିକ ଏବଂ ପ୍ରଶାସନିକ ବିଧିବ୍ୟବସ୍ଥାକୁ ସ୍ଥାନିତ କରିବାର ଅଲଂଘନୀୟ, ଐତିହାସିକ ପ୍ରୟୋଜନ ଅନୁଭୂତ ହେଲା । ଯଦିଓ ପଚାଶ ଦଶନ୍ଧିର ମଧ୍ୟଭାଗରେ ବଳବନ୍ତରାୟ ମେହେଟା କମିଟି ଏହି ମର୍ମରେ ସୁପାରିଶ୍ କରିଥିଲେ, କିନ୍ତୁ ଏହାର ବାସ୍ତବାୟନର ଅୟମାରମ୍ଭ ଆମେ ଦେଖିବାକୁ ପାଉ ସମ୍ବିଧାନର ୭୩ତମ ସଂଶୋଧନ (୧୯୯୨) ଗୃହୀତ ହେବା ପରେ । ଏହି ସଂଶୋଧନ ଗୋଟିଏ ପଟରେ ପଞ୍ଚାୟତିରାଜ ସଂସ୍ଥାସମୂହକୁ ଦେଶର ଶାସନ-ବ୍ୟବସ୍ଥାର ତୃତୀୟ ସ୍ତର ରୂପେ ସ୍ୱୀକୃତି ଦେଇଛି, ଏବଂ ଅନ୍ୟ ପଟରେ ତ୍ରି-ସ୍ତରୀୟ ପଞ୍ଚାୟତିରାଜ (ଜିଲ୍ଲା, ବ୍ଲକ୍ ଓ ଗ୍ରାମ ସ୍ତରରେ ପଞ୍ଚାୟତ) କୁ ସ୍ଥାୟୀ ରୂପ ଦେଇପାରିଛି । ଦେଶର ଆଦିବାସୀ-ବହୁଳ ଅଞ୍ଚଳ, ଯେଉଁଠି କି ଲୋକମାନେ ଶହଶହ ବର୍ଷଧରି ପାରମ୍ପରିକ ଢଙ୍ଗରେ ନିଜର ସ୍ୱତନ୍ତ୍ର ରୀତିନୀତି, ସଂସ୍କୃତି ଓ ବିବାଦ-ମୀମାଂସାର ପ୍ରକ୍ରିୟା ଅନୁସରଣ କରିଆସିଛନ୍ତି, ସେଠାରେ ଉକ୍ତ ସଂଶୋଧନର ବିଧିବ୍ୟବସ୍ଥାକୁ ପ୍ରୟୋଗ କରିବା କ୍ଷେତ୍ରରେ ଆବଶ୍ୟକୀୟ ସ୍ୱାତନ୍ତ୍ର୍ୟ ପାଳନକୁ ପ୍ରାଧାନ୍ୟ ଦେବା ପାଇଁ ଦେଶର ସଂସଦ ଆଉ ଏକ ଆଇନ୍ ପ୍ରଣୟନ କଲା, ଯାହାକି ଅନୁସୂଚୀତ ଅଞ୍ଚଳକୁ ପଞ୍ଚାୟତ ସଂପ୍ରସାରଣ ଆଇନ୍ ୧୯୯୬ ବା ସଂକ୍ଷେପରେ 'ପେସା' ରୂପେ ପରିଚିତ । ଓଡିଶାରେ ମଧ୍ୟ ଉଭୟ ୭୩ତମ ସଂବିଧାନ ସଂଶୋଧନ ଏବଂ ପେସାର ପ୍ରାବ୍‌ଧାନସମୂହ ସହିତ ରାଜ୍ୟର ସଂପୃକ୍ତ ପଞ୍ଚାୟତୀ ଆଇନ୍‌ଗୁଡିକରେ ସଂଗତିଶୀଳତା ଆଣିବା ଉଦ୍ଦେଶ୍ୟରେ କେତେକ ବିଧିବିଧାନ ଗୃହୀତ ହୋଇଛି । ଏସବୁ ସତ୍ତ୍ୱେ ସାରାଦେଶରେ ଏବଂ ଆମ ରାଜ୍ୟରେ ସମ୍ବିଧାନର ପରିକଳ୍ପନା ଅନୁଯାୟୀ ପଞ୍ଚାୟତିରାଜ ସଂସ୍ଥାସମୂହ କେତେଦୂର ସଶକ୍ତୀକରଣ ହୋଇପାରିଛନ୍ତି, ତାହା ଉପରେ ଉଭୟ ସରକାରୀ ଏବଂ ଜନସମାଜ ସ୍ତରରେ ଦେଶବ୍ୟାପୀ ବିତର୍କ ଜାରି ରହିଛି ।

## ପଞ୍ଚାୟତର ବିତ୍ତୀୟ କ୍ଷେତ୍ର

କୁହାଯାଇଥାଏ, କାର୍ଯ୍ୟ, କାର୍ଯ୍ୟକର୍ତ୍ତା ଓ ପାଣ୍ଠି, ଏହି ତିନୋଟିର ପରିଚାଳନା କ୍ଷେତ୍ରରେ ପଞ୍ଚାୟତର କ୍ଷମତା ଓ ସ୍ୱାଧୀନତା ହିଁ ସଶକ୍ତୀକରଣର ଅସଲ ତାତ୍ପର୍ଯ୍ୟ । ପୁଣି ଏହି ତିନୋଟି କ୍ଷେତ୍ର ଭିତରୁ ପାଣ୍ଠି ହେଉଛି ସବୁଠୁଁ ଅଧିକ ଗୁରୁତ୍ୱପୂର୍ଣ୍ଣ; କାରଣ ପାଣ୍ଠି ବା ସମ୍ବଳର ସଂଗ୍ରହ ଓ ବିନିଯୋଗ କ୍ଷେତ୍ରରେ ଯଦି ପଞ୍ଚାୟତ ସ୍ୱାଧୀନ ଓ ସ୍ୱାବଲମ୍ବୀ ହୋଇପାରେ ତେବେ ଅନ୍ୟ ଦୁଇଟି କ୍ଷେତ୍ରରେ ଅଗ୍ରଗତି ହାସଲ ଆପେ ଆପେ ସହଜ ହୋଇଯିବ । କିନ୍ତୁ ଅନ୍ୟପକ୍ଷରେ, ପାଣ୍ଠି ପରିଚାଳନାରେ ସ୍ୱାଧୀନତା ନଥାଇ ଗୋଟିଏ ପଞ୍ଚାୟତ ଅନ୍ୟ ଦୁଇଟି କ୍ଷେତ୍ରରେ ସ୍ୱାଧୀନତା ପାଇବାର ଆଲଙ୍କାରିକ ମୂଲ୍ୟ ଥାଇପାରେ, ବାସ୍ତବ ତାତ୍ପର୍ଯ୍ୟ ରହିବନି । ଏକଥା ସତ, ଅତୀତର ପଞ୍ଚାୟତୀ ସଂସ୍ଥା ତୁଳନାରେ ବର୍ତ୍ତମାନର ପଞ୍ଚାୟତୀ ସଂସ୍ଥାଗୁଡିକର

ସମ୍ବଳ ପରିମାଣ ବେଶ୍ କିଛି ବଢ଼ିପାରିଛି । କିନ୍ତୁ ଉଭୟ କେନ୍ଦ୍ରୀୟ ଓ ରାଜ୍ୟସ୍ତରୀୟ ବିତ୍ତ କମିଶନ୍‌ଙ୍କ ଅଧ୍ୟୟନରୁ ଆମେ ଜାଣିବାକୁ ପାଉ ଯେ, ପଞ୍ଚାୟତର ଏହି ଆପାତ ବୃଦ୍ଧିପ୍ରାପ୍ତ ଅର୍ଥସମ୍ବଳ ବାହ୍ୟ ସୂତ୍ରରୁ ଏବଂ ବିଶେଷ କରି ବିଭିନ୍ନ କେନ୍ଦ୍ରୀୟ ଅନୁଦାନରୁ ସଂଗୃହୀତ ହୋଇଛି ଏବଂ ଅନ୍ୟ ପକ୍ଷରେ ପଞ୍ଚାୟତର ନିଜସ୍ୱ ସମ୍ବଳ-ଭଣ୍ଡାରର ଆଖିଦୃଶିଆ ଅବନ୍ନତି ଘଟିଛି । ଏକଥା ଜଣାଶୁଣା ଯେ, ବାହ୍ୟ ଅନୁଦାନରୁ ସଂଗୃହୀତ ସମ୍ବଳର ବିନିଯୋଗ କ୍ଷେତ୍ରରେ ପଞ୍ଚାୟତର ସ୍ୱାଧୀନତା ନଥାଏ; ଏହି ସମ୍ବଳୁ ପଞ୍ଚାୟତ ନିଜର ବା ଗ୍ରାମବାସୀଙ୍କ ପସନ୍ଦ ମୁତାବକ ବିନିଯୋଗ କରିପାରିବ ନାହିଁ । ପୁଣି ପ୍ରତି ବାହ୍ୟେ ଅନୁଦାନ ସହିତ ହିସାବ ଅନୁରକ୍ଷଣ ଏବଂ ସମୀକ୍ଷଣର ସ୍ୱତନ୍ତ୍ର ପଦ୍ଧତି ସୂଚୀତ ହୋଇଥାଏ, ଯାହାକୁ ଅନୁପାଳନ କରିବା ପାଇଁ ପଞ୍ଚାୟତ ବାଧ୍ୟ; ନଚେତ୍ ବିଭିନ୍ନ ବାହ୍ୟ ସୂତ୍ରରୁ ମିଳିବାକୁ ଥିବା ଏହାର ସମ୍ଭାବ୍ୟ ଅନୁଦାନରାଶିର ଉତ୍ସ ଆପେ ଆପେ ବନ୍ଦ ହୋଇଯିବ । ଏହାଛଡା ବାହ୍ୟ ଅନୁଦାନ-କାରୀ ସଂସ୍ଥାମାନଙ୍କ ନୀତିନିୟମ ଉଲଂଘନ କଲେ ସଂପୃକ୍ତ ପଞ୍ଚାୟତ ସମସ୍ତଙ୍କ ସାମନାରେ ବଦନାମ ହେବାର ଆଶଙ୍କା ରହିଛି । ସୁତରାଂ ଗୋଟିଏ ପଞ୍ଚାୟତ ଆଗରେ ମୌଳିକ ପ୍ରଶ୍ନ ହେଉଛି, କିପରି ବାହ୍ୟ ଅନୁଦାନର କ୍ରମବର୍ଦ୍ଧିଷ୍ଣୁ ସ୍ରୋତକୁ ବଜାୟ ରଖି ନିଜସ୍ୱ ସମ୍ବଳ ଭଣ୍ଡାରକୁ ଆବଶ୍ୟକ ମତେ ବଢାଇ ହେବ । ପୁଣି ଏହା ଏକ ଜଣାଶୁଣା କଥା ଯେ, ଗ୍ରାମବାସୀଙ୍କ ଉପରେ ନୂଆ ନୂଆ ଟିକସ ବସାଇ ଓ ପୁରୁଣା ଟିକସଗୁଡିକର ପରିମାଣ ବଢାଇ ଗୋଟିଏ ପଞ୍ଚାୟତ ନିଜର ସମ୍ବଳ ଭଣ୍ଡାର ବୃଦ୍ଧି କରିପାରେ । କିନ୍ତୁ ଏହା ମଧ୍ୟ ଏକ ସାଧାରଣ ଜ୍ଞାନ ଯେ, ନୂଆ ଟିକସ ବସାଇବା ଏବଂ ପ୍ରଚଳିତ ଟିକସର ପରିମାଣ ବୃଦ୍ଧି କରିବାର ଏକ ସୀମା ଅଛି, ଯାହାକୁ ଟପିଲେ ସାଧାରଣ ଗ୍ରାମବାସୀ ପଞ୍ଚାୟତ ବିରୁଦ୍ଧରେ ବିଦ୍ରୋହୀ ହୋଇପଡିବାର ଆଶଙ୍କା ରହିଛି । ତେଣୁ, ଏକମାତ୍ର ବିକଳ୍ପ ରହିଲା, ପଞ୍ଚାୟତ କିପରି ନିଜସ୍ୱ ଅଣଟିକସ ଆୟକୁ ବଢାଇପାରିବ । ଏହି ଅଣଟିକସ ଆୟସମୂହ ଭିତରେ ରହିଛି, ସମୂହସଂପଦର ଲିଜ୍ ଏବଂ ଲାଇସେନ୍‌ସ ବାବଦ ଆୟ ଏବଂ ବିଭିନ୍ନ ସୂତ୍ରରୁ ଋଣସଂଗ୍ରହ କରି ତଦ୍ୱାରା ବିଭିନ୍ନ ଲାଭଜନକ ଉଦ୍ୟୋଗର ପରିଚାଳନାରୁ ଆୟ । କିନ୍ତୁ ଆମେ ଯଦି ସଂପ୍ରତି ପ୍ରଚଳିତ ଓଡିଶା ଗ୍ରାମ ପଞ୍ଚାୟତ ଆଇନ୍ ଏବଂ ନିୟମାବଳୀକୁ ଅନୁଧ୍ୟାନ କରିବା, ତେବେ ଜାଣିବାକୁ ପାଇବା ଯେ, ଏ କ୍ଷେତ୍ରରେ ପଞ୍ଚାୟତକୁ ନାମକୁ ମାତ୍ର କ୍ଷମତା ଦିଆଯାଇଛି, କିନ୍ତୁ ବାସ୍ତବ କ୍ଷମତା ବ୍ଲକ୍ ଠାରୁ ଆରମ୍ଭ କରି ରାଜ୍ୟ ସରକାର ପର୍ଯ୍ୟନ୍ତ ଉଚ୍ଚତର କର୍ତ୍ତୃପକ୍ଷମାନଙ୍କର କରାୟତ୍ତ ହୋଇରହିଛି । ଏବଂ ଏହାହିଁ ଗୋଟିଏ ଗ୍ରାମ ପଞ୍ଚାୟତର ନିଜସ୍ୱ ଅଣଟିକସ ସମ୍ବଳ ସଂଗ୍ରହ କ୍ଷେତ୍ରରେ ସବୁଠୁଁ ବଡ ବାଧା । କେବଳ ଏତିକି ନୁହେଁ, ୭୩ତମ ସମ୍ବିଧାନ ସଂଶୋଧନ ଏବଂ ପେସା ପରିକଳ୍ପିତ ସ୍ୱୟଂଶାସିତ ପଞ୍ଚାୟତିରାଜ ସଂସ୍ଥାର ଗଠନ ଦିଗରେ ଏହାହିଁ ପ୍ରମୁଖ ବାଧା । ଏ ବିଷୟରେ ପଞ୍ଚାୟତିରାଜ ସଂସ୍ଥାଗୁଡିକର ନିର୍ବାଚିତ ପ୍ରତିନିଧିଙ୍କ ସମେତ ସଂପୃକ୍ତ ଥିବା ସମସ୍ତ ସରକାରୀ ପଦାଧିକାରୀ ଏବଂ ଜନସମାଜର ପ୍ରବକ୍ତାମାନଙ୍କ ପକ୍ଷେ ଜାଣିବାର ଗଭୀର ଆବଶ୍ୟକତା ରହିଛି ।

**ପ୍ରସ୍ତାବିତ ପାଠ୍ୟବସ୍ତୁ**

ଉପରୋକ୍ତ ଆଭିମୁଖ୍ୟକୁ ଆଖି ଆଗରେ ରଖି ପଞ୍ଚାୟତର ବିତ୍ତୀୟ ପ୍ରବନ୍ଧନ ଉପରେ ଆୟୋଜିତ ହେବାକୁ ଥିବା ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ସୁଶୃଙ୍ଖଳିତ ଓ ସମୟବଦ୍ଧ ଢଙ୍ଗରେ ପରିଚାଳନା କରିବା ପାଇଁ ତଥା ପ୍ରଶିକ୍ଷାର୍ଥୀମାନଙ୍କର ବିବିଧ ଜିଜ୍ଞାସାର ଯଥାର୍ଥ ସମାଧାନ ପାଇଁ ଏକ ସୁପ୍ରସ୍ତୁତ ପାଠ୍ୟକ୍ରମର ଆବଶ୍ୟକତା ସହଜେ ଅନୁମେୟ । ଏହି ପାଠ୍ୟକ୍ରମରେ ବିଷୟସୂଚୀ ନିମ୍ନ ମତେ ୧୦ଟି ଅଧ୍ୟାୟରେ ସ୍ଥାନିତ ହୋଇଛି ଏବଂ ପ୍ରତି ଅଧ୍ୟାୟର ଶୀର୍ଷକରେ ସୂଚୀତ ଥିବା ବିଷୟର ଉପ-ପ୍ରସଙ୍ଗମାନ ଯଥାସମ୍ଭବ ଅର୍ଥପୂର୍ଣ୍ଣ ଭାବେ ଚର୍ଚ୍ଚା କରାଯାଇଛି ।

**ଅଧ୍ୟାୟ-୧: ଗ୍ରାମ ପଞ୍ଚାୟତ ବିତ୍ତୀୟ ବ୍ୟବସ୍ଥା ଉପରେ ଏକ ପରିଦୃଷ୍ଟି**

- ଓଡିଶାରେ ପଞ୍ଚାୟତିରାଜ ଏବଂ ଏହା ସାମନାରେ ଆହ୍ୱାନ୍
- ୭୩ତମ ସମ୍ବିଧାନ ସଂଶୋଧନ ପୂର୍ବରୁ ଓ ପରେ ପଞ୍ଚାୟତିରାଜ ସଂସ୍ଥାସମୂହର ସ୍ଥିତି
- ପେସା ୧୯୯୬ର ପ୍ରାବ୍ଧାନସମୂହ
- ଓଡିଶା ଗ୍ରା.ପ.ଆଇନ୍ ଓ ନିୟମାବଳୀରେ ସ୍ଥାନିତ ହୋଇଥିବା ସଂଶୋଧନ ସମୂହ
- ପଞ୍ଚାୟତିରାଜ ସଂସ୍ଥାସମୂହକୁ କ୍ଷମତା ହସ୍ତାନ୍ତର

- ଦ୍ୱିତୀୟ ଓଡିଶା ରାଜ୍ୟ ବିତ୍ତ କମିଶନ୍‌ଙ୍କ ମତାମତ
- ପଞ୍ଚାୟତୀ ସଂସ୍ଥାସମୂହକୁ ପାଣ୍ଠି ହସ୍ତାନ୍ତର

**ଅଧ୍ୟାୟ-୨ : ଗ୍ରାମ ପାଣ୍ଠି ଏବଂ ଏହାର ପରିଚାଳନା**

- ଗ୍ରାମ, ଗ୍ରାମ ଶାସନ ଏବଂ ଗ୍ରାମ ପାଣ୍ଠି ସମ୍ବନ୍ଧରେ ଧାରଣା
- ଗ୍ରାମ ପାଣ୍ଠିର ଉଦ୍ଦେଶ୍ୟସମୂହ
- ଗ୍ରାମ ପଞ୍ଚାୟତର ବାଧ୍ୟତାମୂଳକ ଏବଂ ଐଚ୍ଛିକ କାର୍ଯ୍ୟାବଳୀ
- ଗ୍ରାମ ପାଣ୍ଠିର ହେପାଜତ ଏବଂ ପରିଚାଳନା
- ଗ୍ରାମର ସମ୍ପତ୍ତି, ଏହାର ହସ୍ତାନ୍ତର, ଲିଜ୍, ନିଲାମ, ବିକ୍ରୀବଟା ଏବଂ କ୍ଷତି ଇତ୍ୟାଦି
- ଓଡିଶା ଗ୍ରା.ପ.ଆଇନ୍ ଏବଂ ସରକାରୀ ସର୍କୁଲାର୍‌ଗୁଡିକରେ ସ୍ୱଚ୍ଛତା ପାଇଁ ପ୍ରାବ୍‌ଧାନସମୂହ
- ସୂଚନା ଅଧିକାର ଆଇନ୍ ଓ ଗ୍ରା.ପ. କ୍ଷେତ୍ରରେ ଏହାର ଉପଯୋଗିତା
- ସୂଚନା ଅଧିକାର ଆଇନ୍ ଅଧୀନରେ ଓଡିଶା ସରକାରଙ୍କ କ୍ରିୟାନ୍ୱୟନ ମାର୍ଗଦର୍ଶୀକା

**ଅଧ୍ୟାୟ-୩: ପଞ୍ଚାୟତର ବିତ୍ତୀୟ ବ୍ୟବସ୍ଥା: ଭୂମିକା ଏବଂ ଉତ୍ତରଦାୟିତ୍ୱ**

- ଓଡିଶାରେ ପଲ୍ଲୀସଭା ଏବଂ ଏହାର କ୍ଷମତାବଳୀ ଓ ସୀମାବଦ୍ଧତା
- ପେସା ୧୯୯୬ ଅଧୀନରେ କ୍ଷମତାବଳୀର ନ୍ୟସ୍ତୀକରଣ
- ଗ୍ରାମସଭା ବୈଠକରେ ଆଲୋଚନା-ସାପେକ୍ଷ ବିତ୍ତୀୟ ପ୍ରସଙ୍ଗସମୂହ
- ସରପଞ୍ଚ ଓ ନାଏବ ସରପଞ୍ଚଙ୍କ କ୍ଷମତାବଳୀ ଓ ରହିଁର ସୀମାବଦ୍ଧତା
- ଉପ-ଜିଲ୍ଲାପାଳ, ଜିଲ୍ଲାପାଳ ଏବଂ ରାଜ୍ୟ ସରକାରଙ୍କ ଭୂମିକା
- ଗ୍ରାମ ପଞ୍ଚାୟତ ଦ୍ୱାରା ଉନ୍ନୟନ କାର୍ଯ୍ୟଗୁଡିକର ସଂପାଦନା
- ଠିକାଦାରମାନଙ୍କ ସହିତ କାରବାର
- ଗ୍ରା.ପ.କାର୍ଯ୍ୟଗୁଡିକର ତତ୍ତ୍ୱାବଧାନ
- ଗ୍ରାମପଞ୍ଚାୟତ ଉପରେ ବିଭିନ୍ନ କର୍ତ୍ତୃପକ୍ଷମାନଙ୍କର ନିୟନ୍ତ୍ରଣ କ୍ଷମତା
- ସରପଞ୍ଚ ଓ ନାଏବ-ସରପଞ୍ଚଙ୍କ ଅପସାରଣ ଓ ନିଲମ୍ବନ
- ଗ୍ରା.ପ.ପଞ୍ଚାୟତ ସଂପାଦକ ଓ କାର୍ଯ୍ୟନିର୍ବାହୀ ଅଧିକାରୀ
- ସ୍ଥାୟୀ, କାର୍ଯ୍ୟସଂପାଦନ ଏବଂ ଯୁଗ୍ମ କମିଟିସମୂହ
- ଗ୍ରା.ପ. ପାଣ୍ଠିର ଆତ୍ମସାତ
- ଦୋଷତ୍ରୁଟି ଏବଂ ଉଲ୍ଲଂଘନ କ୍ଷେତ୍ରରେ ଦଣ୍ଡବିଧାନ
- ଗ୍ରା.ପ. ଓ ଏହାର କାର୍ଯ୍ୟକର୍ତ୍ତାମାନଙ୍କ ବିରୁଦ୍ଧରେ ମୋକଦ୍ଦମା

**ଅଧ୍ୟାୟ –୪: କେନ୍ଦ୍ରୀୟ ଓ ରାଜ୍ୟ ବିତ୍ତ କମିଶନ୍**

- ପଞ୍ଚାୟତ ଉପରେ ଦଶମ, ଏକାଦଶ ଓ ଦ୍ୱାଦଶ ବିତ୍ତ କମିଶନ୍
- ଓଡିଶାକୁ କେନ୍ଦ୍ରୀୟ ବିତ୍ତ କମିଶନ୍‌ମାନଙ୍କ ଅନୁଦାନ
- ବିତ୍ତୀୟ ପରିଚାଳନାର ସଂସ୍କାର ପାଇଁ ଏକାଦଶ ବିତ୍ତ କମିଶନ୍‌ଙ୍କ ସୁପାରିଶ୍ ସମୂହ
- ଓଡିଶା ଗ୍ରାମାଞ୍ଚଳ ସ୍ଥାନୀୟ ସଂସ୍ଥାସମୂହର ବିତ୍ତୀୟ ପରିଚାଳନାରେ ସାଂପ୍ରତିକ ସଂସ୍କାରସମୂହ
- ଓଡିଶା ଗ୍ରାମାଞ୍ଚଳ ସ୍ଥାନୀୟ ସଂସ୍ଥାସମୂହ ପାଇଁ ଦ୍ୱାଦଶ ବିତ୍ତ କମିଶନ୍‌ଙ୍କ ସୁପାରିଶ୍‌ସମୂହ
- ବିତ୍ତ କମିଶନ୍‌ଙ୍କ ଅନୁଦାନର ତଦାରଖ ଏବଂ ଅଡିଟ୍
- ଓଡିଶା ବିତ୍ତ କମିଶନ୍, ପ୍ରଥମ ଓ ଦ୍ୱିତୀୟ
- ଦ୍ୱିତୀୟ ଓଡିଶା ବିତ୍ତ କମିଶନ୍‌ଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ବିବରଣୀ

**ଅଧ୍ୟାୟ-୫: ଓଡିଶାରେ ଗ୍ରା.ପ.ର ଟିକସ ଆୟ**

- ଓଡିଶାରେ ଗ୍ରା.ପ.ର ଟିକସ ଜାରି କରିବାର କ୍ଷମତା

- ଓ.ଗ୍ରା.ପ. ଆଇନ୍ ଅଧୀନରେ ଟିକସ ସମୂହ
- ଯାନବାହନର ପଂଜିକରଣ ସମ୍ବନ୍ଧରେ ନିୟମାବଳୀ
- ଟିକସସମୂହର ହାର ନିର୍ଦ୍ଧାରଣ ଓ ସଂଗ୍ରହ
- ଅନାଦାୟ ଟିକସ ଓ ଦେୟଗତିକର ଅସୁଲ ପାଇଁ କାର୍ଯ୍ୟବିଧି
- ଗ୍ରା.ପ. ଦ୍ୱାରା ଟିକସ ଲାଗୁ କରିବା କ୍ଷେତ୍ରରେ ସରକାର ଏବଂ ଜିଲ୍ଲାପାଳଙ୍କ କ୍ଷମତା
- ଓଡିଶାରେ ଗ୍ରାମ ପଞ୍ଚାୟତଗୁଡ଼ିକର ଟିକସ-ଜନିତ ଆୟ-ସଂଗ୍ରହର ସ୍ଥିତି
- ଦ୍ୱିତୀୟ ଓଡିଶା ବିତ୍ତ କମିଶନ୍‌ଙ୍କ ଦ୍ୱାରା ନୂତନ ଟିକସ ଲାଗୁ କରିବା ପାଇଁ ସୁପାରିଶ୍

**ଅଧ୍ୟାୟ-୬: ପଞ୍ଚାୟତର ନିଜସ୍ୱ ଅଣଟିକସ ଆୟ**

- ଓଡିଶାରେ ଗ୍ରା.ପ.ର ଆର୍ଥିକ ଦୃଶ୍ୟପଟ
- ଗ୍ରା.ପ.ର ଆୟସମୂହକୁ ବର୍ଗୀକରଣ କରିବାରେ ଜଟିଳତା
- ଗ୍ରା.ପ. ଦ୍ୱାରା ସଂଗୃହୀତ ହେଉଥିବା ଲାଇସେନ୍‌ସ ଫିସ୍
- ଶିଳ୍ପସଂସ୍ଥା ଓ କାରଖାନାକୁ ଲାଇସେନ୍‌ସ ପ୍ରଦାନ କ୍ଷେତ୍ରରେ ଗ୍ରା.ପ.ର କ୍ଷମତା ଓ ତହିଁର ସୀମାବଦ୍ଧତା
- ଅନୁସୂଚୀତ ଅଞ୍ଚଳରେ ମହୁଲି ମଦ ବ୍ୟବସାୟ କ୍ଷେତ୍ରରେ ପ୍ରାବ୍‌ଧାନସମୂହ
- ଓ.ଗ୍ରା.ପ. ଆଇନ୍ ଓ ନିୟମାବଳୀରେ ସର୍ବସାଧାରଣ ଓ ଘରୋଇ ବଜାର
- ଲଘୁ ବନଜାତ ସାମଗ୍ରୀ କ୍ଷେତ୍ରରେ ଗ୍ରା.ପ.ର କ୍ଷମତା
- ଅନାଦାୟ ଦେୟର ଅସୁଲ ଓ ଜୋରିମାନା ଇତ୍ୟାଦି
- ଗ୍ରା.ପ. ଦ୍ୱାରା ଋଣ କରିବା ସମ୍ବନ୍ଧରେ ପ୍ରାବ୍‌ଧାନସମୂହ
- ରାଜ୍ୟ ସରକାରଙ୍କ ଠାରୁ ଗ୍ରା.ପ.କୁ ଅନୁଦାନ
- ଓଡିଶାରେ ଗ୍ରା.ପ.ଗୁଡ଼ିକୁ କେନ୍ଦ୍ରୀୟ ଓ ରାଜ୍ୟ ବିତ୍ତ କମିଶନ୍‌ଙ୍କ ଅନୁଦାନ
- ଓଡିଶାରେ ଗ୍ରା.ପ.ଗୁଡ଼ିକୁ ରାଜ୍ୟ ସରକାରଙ୍କ ଦ୍ୱାରା କେନ୍ଦୁପତ୍ର ଅନୁଦାନ

**ଅଧ୍ୟାୟ-୭: ଓଡିଶାରେ ଗ୍ରା.ପ.ର ବଜେଟ୍ ଓ ହିସାବରକ୍ଷଣର ପ୍ରବନ୍ଧନ**

- ବଜେଟ୍ ଓ ହିସାବରକ୍ଷଣ ପରିଚାଳନାର ଗୁରୁତ୍ୱ
- ଭାରତ ସରକାରଙ୍କ ସି.ଏଣ୍ଡ. ଏ.ଜି. ଦ୍ୱାରା ନମୁନା ଅଡିଟ୍‌ର ତଥ୍ୟାବଳୀ
- ଗୋଟିଏ ଗ୍ରା.ପ.ର ବଜେଟ୍ ଅଟକଳ
- ଗ୍ରା.ପ. ବଜେଟ୍‌ର ପ୍ରରୂପସମୂହ
- ଗ୍ରା.ପ. ବଜେଟ୍‌ରେ ପୂରଣ ହେବାକୁ ଥିବା ସର୍ତ୍ତାବଳୀ
- ଗ୍ରା.ପ. ବଜେଟ୍‌ର ଦୁଇ ପାର୍ଶ୍ୱ- ପ୍ରାପ୍ୟ ଓ ବ୍ୟୟ
- ଅନୁଦାନ ଓ ଋଣ
- କ୍ୟାଶ୍ ବହିର ରକ୍ଷଣାବେକ୍ଷଣ
- ବ୍ୟାଙ୍କ୍ ଓ ଟ୍ରେଜେରି ସହିତ କାରବାର
- ବାର୍ଷିକ ହିସାବ
- ଗଚ୍ଛିତ ଧନ ଓ ସାମଗ୍ରୀ
- ସି.ଏଣ୍ଡ. ଏ.ଜି. ଦ୍ୱାରା ସୁପାରିଶ୍ କରାଯାଇଥିବା ସରଳୀକୃତ ହିସାବରକ୍ଷଣ ବ୍ୟବସ୍ଥା
- ଏକାଦଶ ବିତ୍ତ କମିଶନ୍ ଦ୍ୱାରା ସୁପାରିଶ୍ କରାଯାଇଥିବା ପ୍ରିଆ-ସଫ୍ଟ

**ଅଧ୍ୟାୟ-୮: ଓଡିଶାରେ ଗ୍ରା.ପ.ର ହିସାବ ସମୀକ୍ଷା**

- ଆର୍ଥିକ ସମୀକ୍ଷାର ଧାରଣା ଏବଂ କ୍ରମପରିବର୍ତ୍ତୀତ ପ୍ରୟୋଗବିଧି
- ଅଡିଟ୍ ପ୍ରକ୍ରିୟାରେ ସାଧାରଣ ଭାବେ ପରିଲକ୍ଷିତ ହେଉଥିବା ତ୍ରୁଟିବିଚ୍ୟୁତି

- ଗ୍ରା.ପ.ର ହିସାବ ଅଡିଟ୍ ସଂବନ୍ଧୀତ ପ୍ରାବ୍ଧାନସମୂହ
- ଓଡିଶା ସ୍ଥାନୀୟ ପାଣ୍ଠି ସମୀକ୍ଷା ଆଇନ୍ ଏବଂ ନିୟମାବଳୀ
- ଅର୍ଥ ତୋଷରପାତ ସମ୍ବନ୍ଧୀତ ପ୍ରାବ୍ଧାନସମୂହ
- ସ୍ଥାନୀୟ ହିସାବ ସମୀକ୍ଷକଙ୍କ କ୍ଷମତା
- ସାମାଜିକ ସମୀକ୍ଷା ସମ୍ବନ୍ଧରେ ଓଡିଶା ଗ୍ରା.ପ.ଆଇନ୍‌ରେ ଥିବା ଆଂଶିକ ବ୍ୟବସ୍ଥା
- ସାମାଜିକ ସମୀକ୍ଷା ସମ୍ବନ୍ଧରେ ଏକ ପରିଚୟ
- ଏନ୍.ଆର୍.ଇ.ଜି.ଏ. ଅଧୀନରେ ସାମାଜିକ ସମୀକ୍ଷାର କାର୍ଯ୍ୟପ୍ରକ୍ରିୟା

**ଅଧ୍ୟାୟ-୯ : ଗ୍ରା.ପ. ସ୍ତରରେ ହିସାବ-ସଂପର୍କୀତ ରେଜିଷ୍ଟର୍ ଓ ଫର୍ମସମୂହର ରକ୍ଷଣାବେକ୍ଷଣ**

- ଗ୍ରା.ପ. ସ୍ତରରେ ହିସାବରକ୍ଷାର ପରିଚାଳନା ପଦ୍ଧତି
- ଗ୍ରା.ପ. ସ୍ତରରେ ଅନୁରକ୍ଷଣୀୟ ହିସାବ-ସଂପର୍କୀତ ରେଜିଷ୍ଟର୍ ଓ ଫର୍ମସମୂହ
- ଦରଖାସ୍ତ, ବିବୃତ୍ତି, ବିଜ୍ଞପ୍ତି, ଅପିଲ୍ ଏବଂ ତଲବ୍ ଇତ୍ୟାଦି
- ରେକର୍ଡ ଗୁଡିକର ସାଇତା ଏବଂ ବିନଷ୍ଟ
- ଗ୍ରା.ପ.ର କାର୍ଯ୍ୟକଳାପ ଉପରେ ବାର୍ଷିକ ପ୍ରଶାସନିକ ବିବରଣୀ

**ଅଧ୍ୟାୟ-୧୦ : ଗ୍ରା.ପ. ସ୍ତରରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ ସ୍କିମ୍‌ସମୂହ**

- ସ୍କିମ୍‌ଗୁଡିକର ପ୍ରକାରଭେଦ
- ଗୋପବନ୍ଧୁ ଗ୍ରାମୀଣ ଯୋଜନା (ରାଜ୍ୟ ସ୍କିମ୍)
- ଭାରତ ନିର୍ମାଣ (କେନ୍ଦ୍ରୀୟ ସ୍କିମ୍)
- ଇନ୍ଦିରା ଆବାସ ଯୋଜନା (କେନ୍ଦ୍ରୀୟ ସ୍କିମ୍)
- ଜାତୀୟ ଗ୍ରାମାଞ୍ଚଳ କର୍ମନିଯୁକ୍ତି ଗ୍ୟାରେଣ୍ଟି ଆଇନ୍ ୨୦୦୫ (କେନ୍ଦ୍ରୀୟ ସ୍କିମ୍)
- ଏନ୍.ଆର୍.ଇ.ଜି.ଏସ୍. ଓଡିଶା ଓ ଏଥି ସହିତ ସଂଲଗ୍ନ ପ୍ରରୂପ ସମୂହ
- ଏନ୍.ଆର୍.ଇ.ଜି.ଏ. ଉପରେ କେନ୍ଦ୍ର ସରକାରଙ୍କ କ୍ରିୟାନ୍ୱୟନ ମାର୍ଗଦର୍ଶୀକା
- ଓଡିଶାରେ ଏନ୍.ଆର୍.ଇ.ଜି.ଏ.ର କାର୍ଯ୍ୟକାରିତା ଉପରେ ସି.ଏଣ୍ଡ.ଏ.ଜି.ର ବିବରଣୀ

ଏଠାରେ ଉଲ୍ଲେଖନୀୟ ଯେ, ପଞ୍ଚାୟତର ବିତ୍ତୀୟ ପ୍ରବନ୍ଧନ ସଂପର୍କୀତ ସମସ୍ତ ବିଷୟ ଉପରେ ଏହି ପାଠ୍ୟବସ୍ତୁ ଏକ ସ୍ୱୟଂସଂପୂର୍ଣ୍ଣ ଗ୍ରନ୍ଥ ନୁହେଁ , ବରଂ ପ୍ରଶିକ୍ଷଣ ପ୍ରକ୍ରିୟାରେ ପ୍ରଶିକ୍ଷାର୍ଥୀମାନଙ୍କ ଦ୍ୱାରା କୌଣସି ଏକ ପ୍ରସଙ୍ଗ ଉପରେ ଆଲୋଚନାକୁ ଆରମ୍ଭ କରିବା ଏବଂ ଆଗେଇ ନେବା ପାଇଁ ଏହା ଏକ ଭିତ୍ତିପତ୍ର ବା ସହାୟକ ପଠନ-ସାମଗ୍ରୀର ଭୂମିକା ପାଳନ ପାଇଁ ଅଭିପ୍ରେତ । ଏଥିରେ ସନ୍ନିବେଶିତ ମତାମତ ଓ ତଥ୍ୟାବଳୀକୁ ଆଧାର କରି ପ୍ରଶିକ୍ଷାର୍ଥୀମାନେ ପ୍ରତି ପ୍ରସଙ୍ଗ ଉପରେ ନୂତନ ଏବଂ ଅତିରିକ୍ତ ସୂଚନା ସଂଧାନ କରିବାରେ ସଫଳ ହୋଇପାରିଲେ ଏହି ପାଠ୍ୟକ୍ରମର ଅସଲ ଉଦ୍ଦେଶ୍ୟ ସଫଳ ହୋଇପାରିବ ।

**ପାଠ୍ୟବସ୍ତୁର ପ୍ରସ୍ତୁତି-ପ୍ରକ୍ରିୟା**

ଆପାତ ଦୃଷ୍ଟିରେ ମନେ ହୋଇପାରେ, ଏହି ପଠନ ସାମଗ୍ରୀ କୌଣସି ପଣ୍ଡିତମନ୍ୟ ବ୍ୟକ୍ତିଙ୍କର ନିଛକ ବୌଦ୍ଧିକ କସରତ୍‌ରୁ ଜନ୍ମ ନେଇଛି । କିନ୍ତୁ ଏହା ଠିକ୍ ନୁହେଁ । ଟିକେ ନିରିଖେଇ ଅନୁଧ୍ୟାନ କଲେ ଜଣାପଡିବ, ଏଥିରେ ବିଭିନ୍ନ ବିବଦମାନ ବା ବିତର୍କୀତ ପ୍ରସଙ୍ଗ ଉପରେ ଯେଉଁ ମତାମତ ସ୍ଥାନିତ ହୋଇଛି, ସେଗୁଡିକ କୌଣସି ନା କୌଣସି ସରକାରୀ କର୍ତ୍ତୃପକ୍ଷ ବା କମିଶନ୍‌ଙ୍କ ସୂତ୍ରରୁ ଉଦ୍ଧାର କରାଯାଇଛି ଏବଂ ଉଦ୍ଧୃତିର ଉତ୍ସ ମଧ୍ୟ ସୂଚୀତ ହୋଇଛି । ପଞ୍ଚାୟତର ବିତ୍ତୀୟ ପ୍ରବନ୍ଧନ ସଂକ୍ରାନ୍ତରେ ଯେଉଁ ବିଧିବିଧାନର ଅବତାରଣା କରାଯାଇଛି, ସେଗୁଡିକର ଉପସ୍ଥାପନାରେ ସତ୍ୟନିଷ୍ଠତା ରକ୍ଷା ପାଇଁ ମୂଳ ଆଇନ୍ ଓ ନିୟମାବଳୀରୁ ଯଥାସାଧ୍ୟ ପାଠୋଦ୍ଧାର କରି ତହିଁର

ସରଳୀକୃତ ବ୍ୟାଖ୍ୟା ସ୍ଥାନିତ କରିବା ପାଇଁ ଯତ୍ନ କରାଯାଇଛି । ଏକଥା ସତ, ଯେ କୌଣସି ଆଇନ୍‌ର ଭାଷା ସାଧାରଣ ଲୋକେ କାରବାର କରୁଥିବା ଭାଷାଠାରୁ ଜଟିଳ ; କିନ୍ତୁ ଏକଥା ମଧ୍ୟ ସତ, ଆଇନ୍‌କୁ ସରଳ ଭାଷାରେ ବୁଝାଇବାକୁ ଯାଇ ଅନେକ ବକ୍ତା ଓ ଲେଖକ ଆଇନ୍‌ରେ ଥିବା ବାସ୍ତବ ଜଟିଳତା, ବକ୍ରୀଳତା ଏବଂ ବିଭ୍ରାନ୍ତିକୁ ଏଡାଇଯାଇଥାନ୍ତି । ଏହାଫଳରେ ଏକ ଅବାଂଛନୀୟ ପରିଣତି ଉପୁଜିଥାଏ ; ଲୋକମାନେ ଆଇନ୍‌ର ସରଳୀକୃତ ବ୍ୟାଖ୍ୟା ଦ୍ୱାରା ପରିଚାଳିତ ହେବା ଦ୍ୱାରା ସେମାନଙ୍କର କାର୍ଯ୍ୟସିଦ୍ଧି ଘଟିନଥାଏ ଏବଂ ଅନ୍ୟପଟରେ ସଂପୃକ୍ତ ଆଇନ୍‌ରେ ଥିବା ବାସ୍ତବ ଜଟିଳତା, ବକ୍ରୀଳତା ଏବଂ ବିଭ୍ରାନ୍ତି ସେମିତି ବିଦ୍ୟମାନ ରହିଯାଏ । ସୁତରାଂ ଏହି ଐତିହାସିକ ଶିକ୍ଷାକୁ ଆଖିଆଗରେ ରଖି ଏହି ପାଠ୍ୟକ୍ରମରେ ମୂଳ ଆଇନ୍‌ର ଭାଷାକୁ ଉଦ୍ଧାର କରାଯିବା ସହ ତହିଁର ବୋଧଗମ୍ୟ ବ୍ୟାଖ୍ୟା ପ୍ରଦାନ କରାଯାଇଛି । ଆଶା କରାଯାଏ, ପ୍ରଶିକ୍ଷାର୍ଥୀଗଣ ପ୍ରଚଳିତ ପଞ୍ଚାୟତୀ ଆଇନ୍‌ସମୂହରେ ଥିବା ସ୍ୱବିରୋଧିତା ଏବଂ ଭୁଲ୍‌ଭ୍ରାନ୍ତିକୁ ବୁଝିବାରେ ସକ୍ଷମ ହୋଇ ତହିଁର ଉତ୍ତରୋତ୍ତର ସଂଶୋଧନ ପାଇଁ ଉଦ୍ୟମଶୀଳ ହେବେ ।

ଏହି ପାଠ୍ୟବସ୍ତୁର ପ୍ରସ୍ତୁତି ପାଇଁ ଦ୍ୱିତୀୟ ଗୁରୁତ୍ୱପୂର୍ଣ୍ଣ ଉତ୍ସ ଥିଲା, ନମୂନା ସ୍ୱରୂପ, ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇ ଲୋକପ୍ରତିନିଧି ଏବଂ କର୍ମଚାରୀମାନଙ୍କ ସହ ପ୍ରତ୍ୟକ୍ଷ ଆଲୋଚନା କରିବା ଏବଂ ସେମାନଙ୍କ କାର୍ଯ୍ୟଧାରାକୁ ନିରୀକ୍ଷଣ କରିବା । ପୁଣି ରାଜ୍ୟର ବିଭିନ୍ନ ପଞ୍ଚାୟତର ପ୍ରତିନିଧି ଓ କର୍ମଚାରୀମାନଙ୍କୁ ଗୋଟିଏ ଜାଗାକୁ ଡକାଇ ସେମାନଙ୍କ ଠାରୁ ପଞ୍ଚାୟତ ଆଇନ୍‌ର ବାସ୍ତବ କାର୍ଯ୍ୟକାରିତା ସମ୍ବନ୍ଧରେ ମତାମତ ସଂଗ୍ରହ କରାଯାଇଥିଲା ଏବଂ ସେଗୁଡିକ କେତେଦୂର ପ୍ରଚଳିତ ବିଧିବିଧାନ ସହ ସୁସମଞ୍ଜସ ସେ ବିଷୟରେ ଅନୁଧ୍ୟାନ କରାଯାଇଥିଲା । ପଞ୍ଚାୟତ କାର୍ଯ୍ୟକର୍ତ୍ତାଙ୍କ ସହ ଏତାଦୃଶ ଆଳାପଆଲୋଚନା ଭିତରେ ଆମର ଜିଜ୍ଞାସା ଥିଲା, ସେମାନେ କେତେଦୂର ପ୍ରଚଳିତ ବିଧିବିଧାନ ସମ୍ବନ୍ଧରେ ସଚେତନ ଓ ସକ୍ରୀୟ । ସେମାନଙ୍କ ଠାରୁ ଏ ବିଷୟରେ ସଂଗୃହୀତ ଉପଲବ୍‌ଧି ଏହି ପାଠ୍ୟକ୍ରମର ଯଥାସ୍ଥାନରେ ସ୍ଥାନିତ ହୋଇଛି ।

ପାଠ୍ୟକ୍ରମକୁ ତଥ୍ୟ ଦୃଷ୍ଟିରୁ ଯଥାସମ୍ଭବ ନିର୍ଭୁଲ କରିବା ପାଇଁ ଗୋଟିଏ ପଟରେ ବର୍ତ୍ତମାନ ପଞ୍ଚାୟତ ଠାରୁ ଆରମ୍ଭ କରି ପଞ୍ଚାୟତିରାଜ ବିଭାଗ ପର୍ଯ୍ୟନ୍ତ ବିଭିନ୍ନ ସ୍ତରରେ ଅବସ୍ଥାପିତ ଥିବା ପଦାଧିକାରୀ ଏବଂ ଏହି କ୍ଷେତ୍ରରେ କାର୍ଯ୍ୟକରି ଅବସର ଗ୍ରହଣ କରିଥିବା ବିଜ୍ଞ ଓ ଅଭିଜ୍ଞ ବ୍ୟକ୍ତିବିଶେଷଙ୍କ ସହ ଏକାଧିକ ଦଫାରେ ପରାମର୍ଶ ଓ ଆଲୋଚନା କରାଯାଇଛି । ଏହାଛଡା ଆମ ରାଜ୍ୟରେ ପଞ୍ଚାୟତିରାଜ ଉପରେ ଜନ-ସଚେତନତା ଓ ପ୍ରଶିକ୍ଷଣ ପାଇଁ କାର୍ଯ୍ୟ କରୁଥିବା ବହୁ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତାମାନଙ୍କ ସହ ବିଭିନ୍ନ ଉପଲକ୍ଷରେ ଭାବ ଆଦାନପ୍ରଦାନ କରାଯାଇଛି ଏବଂ ଏଥିରୁ ସଂଗୃହୀତ ସାରବତ୍ତା ଏହି ପାଠ୍ୟବସ୍ତୁକୁ ଅଧିକ ବାସ୍ତବାଭିମୁଖୀ କରି ପ୍ରସ୍ତୁତ କରିବାରେ ସହାୟକ ହୋଇଛି ।

ପରିଶେଷରେ ଏହା ଉଲ୍ଲେଖନୀୟ ଯେ, ବିଭିନ୍ନ କେନ୍ଦ୍ରୀୟ ମନ୍ତ୍ରଣାଳୟ ଓ ବିଭାଗ, ସି.ଏଣ୍ଡ.ଏ.ଜି. ତଥା କେନ୍ଦ୍ରୀୟ ବିତ୍ତ କମିଶନ୍ ଆଦି ଅତୀବ ଗୁରୁତ୍ୱପୂର୍ଣ୍ଣ ସଂସ୍ଥାର ପଦାଧିକାରୀମାନଙ୍କ ସହ ପ୍ରତ୍ୟକ୍ଷ ସାକ୍ଷାତକାରର ସୁଯୋଗ ଜୁଟିନଥିଲେ ହେଁ ସେମାନଙ୍କ ୱେବ୍‌ସାଇଟ୍‌ରୁ ବହୁଳ ତଥ୍ୟ ସଂଗ୍ରହ କରାଯାଇଛି ଓ ଏହି ପାଠ୍ୟକ୍ରମର ଯଥାସ୍ଥାନରେ ସନ୍ନିବେଶିତ କରାଯାଇଛି ।